# ମଣିଗ୍ରୁପ୍‌ର ମଣି ତିରୁମାଲା ପାଇଁ ପ୍ରସ୍ତୁତି



ଭୁବନେଶ୍ୱର,୮।୪(ବ୍ୟୁରୋ): ମଣି ଗ୍ରୁପ୍ ପକ୍ଷରୁ ନନ୍ଦନକାନନ ରାସ୍ତାରେ ମଣି ତିରୁମାଲା ନାମରେ ୧.୨ ନିୟୁତ ସ୍କୋୟାର ଫୁଟର ବାସଗୃହ ଯୋଜନା ଲୋକାର୍ପିତ ହେବା ନେଇ ପ୍ରସ୍ତୁତି ଚାଲିଛି ବୋଲି ମଣି ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଞ୍ଜୟ ଝୁନ୍‌ଝୁନ୍‌ୱାଲା ଶୁକ୍ରବାର ପ୍ରକାଶ କରିଛନ୍ତି । ମଣି ତିରୁମାଲା ନାମରେ ୧୩ ବା ୧୪ ତାଲା ବିଶିଷ୍ଟ ୧୧ଟି ଟାୱାରରେ ବିଭାଜିତ ଏହି ବିଶାଳ ଆବାସିକ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ପ୍ରସ୍ତୁତ କରାଯାଉଛି । ୮୦ ଭାଗ ଫ୍ଲାଟ ପାଇଁ ତିନି ଦିଗରେ ଖୋଲାସ୍ଥାନ, ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର୍ ପାର୍କିଂ, ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଏବଂ ଭୂକମ୍ପ ସୁରକ୍ଷା ସହ ପ୍ରତି ଘର ଚାକରମାନଙ୍କ ପାଇଁ ଅଲଗା ରହିବା ବ୍ୟବସ୍ଥା କରାଯିବ । ଖେଳଗୃହ, ଷ୍ଟିମ୍ ବାଥ୍, ସୁଇମିଂ ପୁଲ୍, ଧ୍ୟାନଗୃହ, ଜିମ୍, କଫି ଶପ୍ ଇତ୍ୟାଦି ରହିଛି । ଏଥି ସହିତ ଛୁଆ ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଝୁନ୍‌ଝୁନ୍‌ୱାଲା ପ୍ରକାଶ କରିଛନ୍ତି । ଏହି ଗ୍ରୁପ୍ ହୋଟେଲ୍, ରିଟେଲ୍, ଆଇଟି ଶିକ୍ଷା ତଥା ଶକ୍ତି କ୍ଷେତ୍ରକୁ ନିଜ କାର୍ଯ୍ୟ କ୍ଷେତ୍ର ରୂପେ ବିସ୍ତାର କରିପାରିଛି ବୋଲି ଝୁନ୍‌ଝୁନ୍‌ୱାଲା କହିଛନ୍ତି ।